
# ପିଲାଙ୍କ ଧରିତ୍ରୀ

ଶନିବାର ,୧୩ ମେ, ୨୦୨୩

## ଗପ

# ଶାନ୍ତି ଖୋଜି ପାଇଗଲେ



ଗୋଟିଏ ଗାଆଁରେ ଜଣେ ଧନୀ ଆଉ ଜଣେ ଅତ୍ୟନ୍ତ ଗରିବ ପରିବାର ପାଖାପାଖି ରହୁଥାଆନ୍ତି। ଗରିବ ଲୋକଟିର ଝାଟିମାଟିର ଚାଳଘର। ସେଥିରେ ସ୍ୱାମୀ, ସ୍ତ୍ରୀ ଏବଂ ପିଲାମାନେ ଆନନ୍ଦରେ ଥାଆନ୍ତି। ଧନୀ ଲୋକଟିର ଦୁଇ ମହଲା କୋଠା, ଗାଡ଼ିମୋଟର, ଚାକର, ଚାକରାଣୀ, ବ୍ୟାଙ୍କରେ ଲକ୍ଷ ଲକ୍ଷ ଟଙ୍କା ଥାଏ। ହେଲେ ତାଙ୍କ ଘରେ ସବୁବେଳେ କଳି, ଝଗଡ଼ା, ମାନ ମନାନ୍ତର।

ଥରେ ଜଣେ ପଣ୍ଡିତଙ୍କୁ ଦେଖି ଧନୀ ଲୋକଟି ପଚାରିଲେ- 'ପଣ୍ଡିତେ! ମୋ' ଘର ପାଖରେ ଗରିବ ଲୋକଟି ଖୁବ୍ ଶାନ୍ତିରେ ଥିବାବେଳେ ମୁଁ କାହିଁକି ଅଶାନ୍ତି କଳହରେ ଜୀବନ କାଟୁଛି?' ଏକଥା ଶୁଣି ପଣ୍ଡିତ କହିଲେ- 'ତୁମେ ମୋର ଗୋଟିଏ କଥା ମାନ ଦେଖିବ ଶାନ୍ତି କେଉଁଠି ଅଛି ଠିକ୍ ଭାବରେ ଜାଣିପାରିବ। ତୁମେ କିଛି ସ୍ୱର୍ଣ୍ଣମୁଦ୍ରା ନେଇ କାହାକୁ କିଛି ନ ଜଣାଇ ଗରିବ ଲୋକଟି ଘରେ ରଖିଦେଇ ଆସ। ତା'ପରେ ତୁମେ ତୁମ ପ୍ରଶ୍ନର ଉତ୍ତର ଆପେ ଆପେ ପାଇଯିବ।' ଏହାପରେ ଧନୀ ଲୋକଟି ଗରିବ ଲୋକର କୁଡ଼ିଆ ଘରେ ୯୯ଟି ସ୍ୱର୍ଣ୍ଣମୁଦ୍ରା ଚୁପ୍‌ଚାପ ରଖିଦେଇ ଆସିଲେ। ଗରିବ ଲୋକଟି ସେଦିନ କାମରୁ ଫେରି ଆସି ଘରେ ପହଞ୍ଚି ଦେଖିଲେ ତାଙ୍କ ଘର ଭିତରେ ଗୋଟିଏ ପ୍ୟାକେଟ ସ୍ୱର୍ଣ୍ଣମୁଦ୍ରା ରଖାଯାଇଛି। ଏସବୁ ଦେଖି ସେ ଖୁସିରେ ନାଚିଗଲେ ଓ ସ୍ତ୍ରୀକୁ ପଚାରିଲେ, 'ଏସବୁ ଟଙ୍କା କିଏ ଦେଇଛି?' ସ୍ତ୍ରୀ ଉତ୍ତର ଦେଲେ, 'ଆମ ଦୁଃଖକୁ ଦେଖି ଭଗବାନ ଆମକୁ ଏହା ଦେଇଛନ୍ତି। ଆମର ଦୁଃଖ ଗଲା। ଆଉ ଆମେ ପରଘରକୁ କାମ କରିବାକୁ ଯିବାନାହିଁ। ଆମେ ଧନୀ ହୋଇଯିବା।'

କିଛି ଦିନ ପରେ ଲୋକଟି ମୁଦ୍ରାଗୁଡ଼ିକୁ ଗଣିବାରୁ ଦୁଇଟି ସ୍ୱର୍ଣ୍ଣମୁଦ୍ରା କମ୍ ହେଲା। ଏହାଦେଖି ସେ ତାଙ୍କ ସ୍ତ୍ରୀକୁ ପଚାରିଲେ, ଏଥିରୁ ଦୁଇଟି ସ୍ୱର୍ଣ୍ଣମୁଦ୍ରା କୁଆଡେ଼ ଗଲା? ଏକଥା ଶୁଣି ତାଙ୍କ ସ୍ତ୍ରୀ ଉତ୍ତର ଦେଲେ, 'ସେଥିରେ ମୁଁ ମୋ' ପାଇଁ ଲୁଗାପଟା, ଘରର କିଛି ଜିନିଷ କିଣି ଆଣିଛି।' ତା'ପରେ ଗରିବ ଲୋକଟି ରାଗିଗଲା। ସ୍ୱାମୀ-ସ୍ତ୍ରୀ ଭିତରେ କଳି ହେଲା ଏବଂ ତାହା ଉଗ୍ର ରୂପ ନେଲା। ପରେ ଦୁହେଁ ଆଉ ଏକାଠି ନ ରହି ଅଲଗା ରହିଲେ। ଛୋଟିଆ ପରିବାର ଭିତରେ ଥିବା ଶାନ୍ତି, ଶ୍ରଦ୍ଧା, ବିଶ୍ୱାସ, ଧୈର୍ଯ୍ୟ କୁଆଡ଼େ ଉଭେଇ ଗଲା। ଧନୀ ଲୋକଟି ଏକଥା ଜାଣିବା ପରେ ପଣ୍ଡିତଙ୍କୁ ଯାଇ କହିଲେ। ପଣ୍ଡିତେ ଉତ୍ତର ଦେଲେ- ଦେଖ, ଏବେ ତୁମେ ତୁମ ପ୍ରଶ୍ନର ଉତ୍ତର ପାଇଯାଇଥିବ। ଆମେ ଈଶ୍ୱରଙ୍କଠାରୁ ଯେତିକି ପ୍ରାପ୍ତ କରିବା କଥା, ତା'ଠାରୁ ଅଧିକ ଆଶା କଲେ ପରିବାର ଭିତରେ ଅଶାନ୍ତି, କଳହ ଜନ୍ମନିଏ। ସୁତରାଂ ଆମକୁ ଭଗବାନ ଯେତିକି ଦେଇଛନ୍ତି, ଆମେ ସେତିକିରେ ସନ୍ତୁଷ୍ଟ ରହିବା ଦରକାର।' ଏହାପରେ ଧନୀ ଲୋକ ଜଣକ ଅଙ୍ଗେ ନିଭାଇଥିବା ଘଟଣାକୁ ନିଜ ଜୀବନର ଶ୍ରେଷ୍ଠ ଅଭିଜ୍ଞତା ଭାବରେ ଗ୍ରହଣ କରି ଘରକୁ ଫେରିଗଲେ। ଶାନ୍ତିର ପ୍ରକୃତ ଅର୍ଥ କ'ଣ ସେ ବୁଝିପାରିଲେ। ତା'ପରେ ନିଜ ପରିବାର ସହ ଖୁସିରେ ଜୀବନଯାପନ କଲେ।

**– ଶଶଧର ମହନ୍ତି**
ମାଷ୍ଟର କଲୋନୀ, ବରାଳପୋଖରୀ, ଚରମ୍ପା, ଭଦ୍ରକ

# ଶୁଆ

**ସେମାନଙ୍କର ନା ଥାଏ ଜିଭ ନା ଥାଏ ଓଠ। ପକ୍ଷୀ ହୋଇ ବି ସେମାନେ ବେଶ୍ ସୁନ୍ଦରଭାବେ କଥା କହିପାରନ୍ତି। ପ୍ରକୃତିର ଏଭଳି ଅଦ୍ଭୁତ ଦାନ ହେଉଛି ଶୁଆ। ମଣିଷଙ୍କ ଭଳି କଥା କହିପାରନ୍ତି ଓ ଗୀତ ବି ବୋଲିପାରନ୍ତି।**



▶▶ ଶୁଆର ଶ୍ୱାସନଳୀ ଏବଂ ଫୁସଫୁସ୍ ମଧ୍ୟରେ ଏକ ସ୍ୱତନ୍ତ୍ର ଧରଣର ମାଂସପେଶୀ ରହିଛି। ଏହି ମାଂସପେଶୀ ମାଧ୍ୟମରେ ଶୁଆ ନିଜ ସ୍ୱରକୁ ନିୟନ୍ତ୍ରଣ କରି କଥା କହିପାରେ।

▶▶ ଶୁଆଭଳି ଅନ୍ୟ କେତେକ ପକ୍ଷୀ କଥା କହିପାରନ୍ତି ସତ, କିନ୍ତୁ ସେମାନଙ୍କ ମଧ୍ୟରୁ ଶୁଆର କଥା କହିବା କ୍ଷମତା ସବୁଠୁ ଅଧିକ। ବୈଜ୍ଞାନିକଙ୍କ କହିବା ଅନୁସାରେ ଶୁଆର ମସ୍ତିଷ୍କରେ ଏକ ସ୍ୱତନ୍ତ୍ର କୋଷ ରହିଛି, ଯାହା କଥା କହିବାର ଶୈଳୀ ଶିଖିବାରେ ସାହାଯ୍ୟ କରିଥାଏ। ଅନ୍ୟ ପକ୍ଷୀମାନଙ୍କ ତୁଳନାରେ ଶୁଆର ଏହି କୋଷ ବଡ ହୋଇଥାଏ।

▶▶ ଶୁଆ ମଣିଷଙ୍କ ଭଳି କଥା କହିବା ସହିତ ଗୀତ ବି ଗାଇପାରେ। କିଛି ପ୍ରଜାତିର ଶୁଆ କଥାବାର୍ତ୍ତା ତୁଳନାରେ ଅଧିକ ସମୟ ଗୀତ ବୋଲିବାକୁ ପସନ୍ଦ କରିଥାନ୍ତି।

▶▶ ବିଶେଷଜ୍ଞଙ୍କ ମତରେ ଶୁଆମାନେ ମଣିଷଙ୍କଠାରୁ ଶିଖୁଥିବା ସବୁ କଥାର ଅର୍ଥ ପ୍ରାୟତଃ ବୁଝିପାରି ନ ଥାନ୍ତି। ସେମାନେ କେବଳ ଶବ୍ଦକୁ ଅନୁକରଣ କରି ସଉଜିନା କରିଥାନ୍ତି। କିନ୍ତୁ ତାଲିମ୍ ମାଧ୍ୟମରେ କେତେକ ଶୁଆ କ'ଣ କହନ୍ତି ନିଜେ ବୁଝିବାକୁ ସକ୍ଷମ ହୋଇଥାନ୍ତି।

▶▶ ଶୁଆ ବିଭିନ୍ନ ଶବ୍ଦର ମିମିକ୍ରି ମଧ୍ୟ କରିପାରେ। ଏଥିପାଇଁ କେତେକଙ୍କୁ ମିମିକ୍ରି ନିମନ୍ତେ ତାଲିମ ବି ଦିଆଯାଏ।

▶▶ ଆଫ୍ରିକାନ୍ ଗ୍ରେ ପ୍ରଜାତିର ଶୁଆମାନେ ଅନ୍ୟମାନଙ୍କ ତୁଳନାରେ ସବୁଠୁ ଅଧିକ ଓ ଭଲଭାବେ କଥା କହିପାରନ୍ତି।

## ସାତ ଭାଇ ସାତ ବାର

### ତୁମ ପଢ଼ିବା ପାଇଁ

ଲୋକକଥାରେ ଅନେକ ଶିକ୍ଷଣୀୟ ବିଷୟ ରହିଛି। ସୁଧାଂଶୁ ଶେଖର ଦ୍ୱିବେଦୀଙ୍କ ସଙ୍କଳିତ ଲୋକକଥା-୭ 'ସାତ ଭାଇ ସାତ ବାର'ରେ ରହିଛି ବିଭିନ୍ନ ପ୍ରକାର ଗଳ୍ପ। ଏହି ସଚିତ୍ର ଗଳ୍ପ ସଙ୍କଳନରେ ସ୍ଥାନିତ ହୋଇଛି ମୋଟ ୩୪ଟି ଲୋକକଥା। ବିଶେଷ ଭାବରେ ଆମ ଦେଶର କେତେକ ରାଜ୍ୟ ଏବଂ ବିଦେଶର ଲୋକକଥାଗୁଡ଼ିକୁ ଏଥିରେ ବେଶ୍ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି। ସେଗୁଡ଼ିକ ମଧ୍ୟରେ ରହିଛି-ସାତ ଭାଇ ସାତ ବାର, ମୃଗ କୁଣ୍ଡ, ବସନ୍ତ ଋତୁର କାହାଣୀ, ରାମ




ରାଜ୍ୟର ମୋତି, ଭକ୍ତିର ଶକ୍ତି, ଖୁସି ଖୋଜୁଥିବା ରାଜା ଆଦି ଶିକ୍ଷଣୀୟ ଲୋକକଥା। ଏହି ସଙ୍କଳନର ମୂଲ୍ୟ ରହିଛି ୧୩୦ ଟଙ୍କା। ଯୋଗାଯୋଗ : ସାତ ଭାଇ ସାତ ପର, 'ବନଫୁଲ', ବୀରସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର, ଓଡ଼ିଶା।

## ରଙ୍ଗ ଦିଅ



## ମତାମତ

❖ ଏଥର ପ୍ରକାଶିତ 'ପିଲାମାନଙ୍କ ମନରେ ନକାରାତ୍ମକ ଚିନ୍ତା'ରୁ ନୂଆ କଥା ଶିଖିହେଲା।
**– ସୋନାଲି ପ୍ରିୟଦର୍ଶିନୀ, କଟକ**

❖ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶ ପାଉଥିବା ଚିତ୍ରଗୁଡ଼ିକ ସୁନ୍ଦର ଲାଗୁଛି।
**– ମୋନାଲିସା ସାହୁ, ବରଗଡ଼**

❖ 'କାହିଁକି ଲୁଣିଆ ସମୁଦ୍ର ପାଣି' ବିଷୟଟି ପଢ଼ି ଏ ବିଷୟରେ କିଛି ଶିକ୍ଷଣୀୟ କଥା ଜାଣିହେଲା।
**– ତୃପ୍ତି ନାୟକ, ଅନୁଗୋଳ**

❖ 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭଟି ଶିକ୍ଷଣୀୟ ହୋଇପାରୁଛି। ଏଥରର ଗପ, କବିତା ସ୍ତମ୍ଭ ପଢ଼ିବାକୁ ଭଲ ଲାଗିଲା।
**–ଅସିତ୍ କୁମାର ଦାସ, ମୟୂରଭଞ୍ଜ**

## ଖିଲି ଖିଲି ହସ

ରାଜୁ କାନ୍ଦୁଥିଲା, ଏହା ଦେଖି ବାପା ପଚାରିଲେ, କାହିଁକି କାନ୍ଦୁଛୁ?
ରାଜୁ: ମୋତେ ୧୦ଟଙ୍କା ଦିଅ, ତା'ପରେ କହିବି।
(ବାପା ପୁଅକୁ ୧୦ଟଙ୍କା ଦେଇସାରିବା ପରେ ପଚାରିଲେ) ଏବେ କହ ତୁ କାହିଁକି କାନ୍ଦୁଥିଲୁ?
ରାଜୁ: ମୁଁ ୧୦ଟଙ୍କା ପାଇଁ କାନ୍ଦୁଥିଲି।

ଭଗବାନ: କ'ଣ ତୋ'ର ଦରକାର କହ।
ପପୁ: ଗୋଟିଏ ଚାକିରି, ଯେଉଁଠି ଟଙ୍କାରେ ଭର୍ତ୍ତି ହୋଇଥିବା ରୁମ୍, ଶାନ୍ତିରେ ନିଦ ହେଉଥିବ।
ଭଗବାନ: ତଥାସ୍ତୁ!
ପପୁ: ଏବେ ପପୁ ଏଟିଏମ୍(ATM)ରେ ସିକ୍ୟୁରିଟି ଗାର୍ଡ ଅଛି।

ପିଙ୍କି-ଅନୁ, ଆଜି ମୋ କପିରେ ସାପ ଚିତ୍ର ବନାଇଥିଲି।
ଅନୁ: ତୋତେ ଡର ଲାଗିଲା ନାହିଁ, କେତେବେଳେ କାମୁଡ଼ି ଦେଇଥା'ନ୍ତା ତ ତୁ କ'ଣ କରିଥାନ୍ତୁ ?
ପିଙ୍କି: କେମିତି କାମୁଡ଼ିଥା'ନ୍ତା , ମୁଁ ପରା ଚିତ୍ରରେ ତା' ଦାନ୍ତ କରି ନଥିଲି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

ଛୁଟି ମାନେ ଛୁଟି। ଦିନେ ଏମିତି ଥିଲା ଖରାଛୁଟିର ସଂଜ୍ଞା। ପିଲାଙ୍କର ସୃଜନଶକ୍ତି ଓ ବୌଦ୍ଧିକ ଜ୍ଞାନର ବିକାଶ ପାଇଁ ଆରମ୍ଭରୁ ସିଲାବସ୍‌ରେ ସାମିଲ ହୋଇଛି ଏହି ଛୁଟି। ହେଲେ ଏବେ ଏହି ଛୁଟିର ସଂଜ୍ଞା ବଦଳିଯାଇଛି। ପିଲାଙ୍କ ପାଇଁ ଏବେ ସମର ଭ୍ୟାକେଶନର ଅର୍ଥ ହେଉଛି ସମରକୋର୍ସ।



# ଛୁଟିରେ ପାଠ

ଖରାଛୁଟି ବା ସମର ଭ୍ୟାକେଶନ। ବର୍ଷର ସବୁଠୁ ବଡ ଛୁଟି। ପିଲାଙ୍କ ପାଇଁ ଏହି ଛୁଟିର ନିହାତି ଆବଶ୍ୟକତାକୁ ଅନୁଭବ କରି କାହିଁ କେବେଠାରୁ ସିଲାବସ୍‌ରେ ଏହାକୁ ସାମିଲ୍ କରିଛନ୍ତି ଶିକ୍ଷାବିତ୍ ଓ ବିଶେଷଜ୍ଞମାନେ। ତେଣୁ ଛୁଟି ସେମାନଙ୍କ ପାଇଁ ପାଠର ଏକ ଅଂଶ କହିଲେ ଭୁଲ୍ ହେବନି। ଏହି ଛୁଟିରେ ପିଲାମାନେ ଆଦୌ ପାଠ ପଢୁ ନ ଥିଲେ। ବୁଲାବୁଲି ମଜାମସ୍ତିରେ କଟୁଥିଲା ସମୟ। ବିଶେଷକରି ଏହି ଛୁଟିରେ ହିଁ ସେମାନେ ନିଜ ନିଜ ଗାଁ, ମାମୁଘର ଆଦି ବନ୍ଧୁବାନ୍ଧବଙ୍କ ଘରକୁ ବୁଲିବାକୁ ଯାଉଥିଲେ। କିନ୍ତୁ ଏବେର କଥା ଅଲଗା। ଏବେ ପିଲାମାନେ ଛୁଟି ତ ପାଉଛନ୍ତି କିନ୍ତୁ ତା ସାଙ୍ଗରେ ସେମାନଙ୍କ ପାଇଁ ରହିଛି ବିଭିନ୍ନ ପ୍ରକାର ଅନ୍‌ଲାଇନ୍ ପାଠ ଓ ସମରକୋର୍ସ।

## ସର୍ବାଙ୍ଗୀନ ବିକାଶ

କେବଳ ବହିର ପାଠ୍ୟକ୍ରମକୁ ଆୟତ୍ତ କରିପାରିଲେ ଯେ ପିଲାର ସମ୍ପୂର୍ଣ୍ଣ ବିକାଶ ହୋଇପାରିବ ତାହା ଭାବିବା ଭୁଲ୍। ପୁସ୍ତକର ଜ୍ଞାନ ସହିତ ପିଲାଙ୍କର ବ୍ୟବହାରିକ ତଥା ସାଧାରଣ ଜ୍ଞାନ ବି ରହିବା ଦରକାର। ଏଥିପାଇଁ ସେମାନଙ୍କୁ ପାଠ ବ୍ୟତୀତ ଅନେକ କିଛି ଜାଣିବାକୁ ହୋଇଥାଏ। ବୋଧହୁଏ ଏହି ଉଦ୍ଦେଶ୍ୟ ନେଇ ପିଲାଙ୍କ ପାଇଁ ଖରାଛୁଟିର କଳ୍ପନା ହୋଇଥିଲା। ଖରାଛୁଟି ହେବା ମାତ୍ରେ ପିଲାମାନେ ନିଜ ନିଜ ଗାଁକୁ ଯାଇ ଏକ ଭିନ୍ନ ପରିବେଶରେ ରହୁଥିଲେ। ଗାଁ ପରିବେଶରେ ପିଲାମାନେ ବିଭିନ୍ନ କଥା ଶିକ୍ଷା ଲାଭ କରୁଥିଲେ। ସେମାନଙ୍କର ସୃଜନାତ୍ମକ ଶକ୍ତିର ବିକାଶ ବି ହେଉଥିଲା। ଖେଳାବୁଲା ମାଧ୍ୟମରେ ସେମାନେ ନଦୀରେ ଗାଧୋଇବା, ପହଁରିବା, ଚାଷ ଦ୍ୱାରା ବିଭିନ୍ନ ଶସ୍ୟ ଅମଳ କାମ, ଗୋପାଳନ ଓ ଦୁଗ୍ଧ ଉତ୍ପାଦନ ସମ୍ପର୍କରେ ବାସ୍ତବ ଜ୍ଞାନ ଆହରଣ କରୁଥିଲେ। ଏହା ସହ ବିଭିନ୍ନ ବୟସ ବର୍ଗର ଲୋକଙ୍କ ସହ ମିଳାମିଶା କରି ସେମାନେ ନୂଆ ନୂଆ ଚଳଣି ସମ୍ପର୍କରେ ଜାଣି ପାରୁଥିଲେ। ଏମିତି କି ଘରେ ରହି ମା'ଙ୍କ ପାଖରେ ସମୟ କାଟିବା ସହିତ ସେମାନେ ସର୍ବତ କରିବା, ଚା ତିଆରି କରିବା ଭଳି ବିଭିନ୍ନ ବ୍ୟବହାରିକ ଜ୍ଞାନ ବି ହାସଲ କରୁଥିଲେ। ମାତ୍ର ଏବେ ଖରାଛୁଟିରେ ବି ପିଲାଙ୍କ ପାଇଁ ନୂଆ ପାଠର ହୋମ୍‌ୱର୍କ ସାଙ୍ଗକୁ ରହୁଛି ବିଭିନ୍ନ ପ୍ରକାର ସମରକୋର୍ସ।

## ସମରକୋର୍ସ

ଛୁଟି ହେଲେ ପିଲାମାନେ ବୁଲାବୁଲି କରିବେ ଫଳରେ ପାଠ ପ୍ରତି ସେମାନଙ୍କର ଆଗ୍ରହ ରହିବ ନାହିଁ। ଏଇକଥା ଭାବି ଆଜିକାଲି ଅନେକେ ପିଲାମାନଙ୍କୁ ସମରକୋର୍ସ କରିବା ପାଇଁ ସୁଯୋଗ ଦେଉଛନ୍ତି। ଖାଲି ସେତିକି ନୁହେଁ ବିଧିବଦ୍ଧଭାବେ ସ୍କୁଲ ପାଠ୍ୟକ୍ରମ ବନ୍ଦ ରହୁଥିଲେ ବି ଅନ୍‌ଲାଇନ୍ କୋର୍ସ ମାଧ୍ୟମରେ ପିଲାଙ୍କ ପାଇଁ ରୁଟିନ୍ ଅନୁସାରେ ରହୁଛି ପାଠପଢା। ଅବଶ୍ୟ ପିଲାମାନେ ଯେଉଁସବୁ କଥା ଦିନେ ଖେଳାବୁଲା ମାଧ୍ୟମରେ ଶିଖୁଥିଲେ ଏବେ ସେସବୁ ମଧ୍ୟରୁ କିଛି କଥା ସେମାନେ ସ୍ୱତନ୍ତ୍ରଭାବେ ସମରକୋର୍ସ ମାଧ୍ୟମରେ ଶିଖୁଛନ୍ତି। ବିଭିନ୍ନ ଅନୁଷ୍ଠାନରେ ପିଲାମାନଙ୍କୁ ସମରକୋର୍ସ ମାଧ୍ୟମରେ ପହଁରିବା, ଯୋଗକରିବା, ନାଚଗୀତ, ଆବାକସ୍, ଡ୍ରଇଁ ଆଦି ବିଭିନ୍ନ ପ୍ରକାର ଶିକ୍ଷା ଦିଆଯାଉଛି। ଦିନେ ପିଲାମାନେ ଯାହାସବୁ ହସଖେଳ ବୁଲାବୁଲି ମାଧ୍ୟମରେ ମନଖୁସିରେ ଆପେ ଆପେ ଶିଖି ଯାଉଥିଲେ ଏବେ ସେସବୁକୁ ବିଧିବଦ୍ଧଭାବେ ନିର୍ଦ୍ଦିଷ୍ଟ ସମୟରେ ବୋଝଭଳି ଶିଖିବାକୁ ହେଉଛି।



### ଟିଉଶନ ହଉଚି



ଛୁଟିରେ ମୁଁ ଅଳ୍ପ କିଛି ଦିନ ପାଇଁ ମାମୁଘର ଯାଏ। କାହିଁକି ନା ସେଠି ଚନ୍ଦନ ଯାତ୍ରାବେଳେ ମେଳଣ ହୁଏ ଆଉ ମେଳାରେ ଦୋଳି ବି ପଡେ। ମାମା ସହିତ ମେଳା ବୁଲି ସବୁଜିନିଷ ଦେଖିବା, ଦୋଳିରେ ଖେଳିବା ସହ ବିଭିନ୍ନ ଜିନିଷ କିଣାକିଣି କରୁ। ମାମୁଘରୁ ଆସିଲେ ଆଉ କୁଆଡେ ବି ବୁଲିବାକୁ ଯାଏନି। କାହିଁକି ନା ଏତେଦିନ ଟିଉଶନ ଛୁଟି କଲେ ଘରେ ସମସ୍ତେ ରାଗିବେ। ଆମ ସ୍କୁଲରେ ସମରକୋର୍ସ କିଛି ହୁଏନି କିନ୍ତୁ ହଲି ଡେ ହୋମ୍‌ୱର୍କ ବହୁତ ଦିଆ ଯାଇଥାଏ। ତେଣୁ ଘରେ ବସି ହୋମୱାର୍କ କରିବା ସହ ବାକି ସମୟରେ ଟିଭି ଦେଖେ।

**–ସୌମ୍ୟାଶ୍ରୀ ପତି,** କ୍ଲାସ୍–୫, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ତେଲେଙ୍ଗାପେଣ୍ଠ, କଟକ

### ସବୁଦିନ ଟିଉଶନ ଓ କରାଟେ କ୍ଲାସ୍



ସ୍କୁଲ ଏବେ ପୂରା ଛୁଟି। କିନ୍ତୁ ଟିଉଶନ ହଉଛି। ଦିନକୁ ଦି'ଥର ଟିଉଶନ ପୁଣି କରାଟେ କ୍ଲାସ ବି ଯାଉଛି। ବାକି ସମୟ ଘରେ ହୋମ୍‌ୱର୍କ କରୁଛି ଆଉ ଟିଭି ଦେଖୁଛି। ସ୍କୁଲ ଛୁଟି ହେବା ଆଗରୁ ଆମର ସମରକ୍ୟାମ୍ପ ହୋଇଥିଲା। କିନ୍ତୁ ଖରା ଅଧିକ ହେବାରୁ ବନ୍ଦ ହୋଇଗଲା। ତା'ପରେ ଅନ୍‌ଲାଇନ୍ କ୍ଲାସ ଆରମ୍ଭ ହେଲା।

**–ବିଶ୍ୱଜିତ୍ ପାଣି,** କ୍ଲାସ୍–୬, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ସତ୍ୟନଗର, ଭୁବନେଶ୍ୱର

### ଛୁଟିରେ ବହୁତ ପାଠ

ଆଗରୁ ଚାରିଦିନ ସ୍କୁଲ ଛୁଟି ହେଲେ ବି ମୁଁ ମାମୁଘରକୁ ଯାଉଥିଲି। ସେଠି ଅଜାଙ୍କ ସହିତ ଗାଁରେ ରହିବାକୁ ଭାରି ମଜା ଲାଗେ। ଆଉ ଖରାଛୁଟିରେ ତ ମୁଁ ମାମୁଘର ଆଉ ଆମ ଗାଁ ଘରେ ସବୁ ସମୟ ରହୁଥିଲି। ହେଲେ ଗତ ବର୍ଷଠାରୁ ଖରାଛୁଟିରେ ମାମା ମତେ ଆଉ ଗାଁକୁ ଯିବାକୁ ଦେଉନି। କାହିଁକି ନା ସେ କହୁଛି ମୋର ବଡ କ୍ଲାସ ହେଲାଣି ତ ମତେ ବେଶି ସମୟ ପାଠ ପଢିବାକୁ



ହେବ। ଏଥିପାଇଁ ସମରକୋର୍ସ ଜଏନ୍ କରିବାକୁ ପଡୁଛି। ଆଉ ଅନ୍‌ଲାଇନ୍‌ରେ ମ୍ୟାଥ୍, ସାଇନ୍ସର ମାସିକିଆ କୋର୍ସ କରୁଛି। ଟିଉଶନ ବି ଚାଲିଛି। ତେଣୁ ଦି'ବର୍ଷ ହେଲାଣି ଖରାଛୁଟି କହିଲେ ମୋ ପାଇଁ କେବଳ ରଜ ସମୟରେ ସପ୍ତାହେ ପାଇଁ ଛୁଟି ମିଳୁଛି।

**–ଚିନ୍ମୟୀ ସ୍ୱାଇଁ,** କ୍ଲାସ୍– ୯, ସେଣ୍ଟ ଜାଭିୟର୍ସ ସ୍କୁଲ, ପଳାସପଲ୍ଲୀ,ଭୁବନେଶ୍ୱର

### ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ

ସମରକୋର୍ସର କୌଣସି ଆବଶ୍ୟକତା ନାହିଁ। ବର୍ଷଯାକ ତ ପିଲାମାନେ ବିଭିନ୍ନ ପ୍ରକାର କୋର୍ସ କରୁଛନ୍ତି। ତେଣୁ ଛୁଟିକୁ ମନଭରି ପିଲାମାନେ ନିଜ ନିଜ ଢଙ୍ଗରେ ମନେଇବା କଥା। ଛୁଟିରେ ଘରକରଣା,



ଚାଷବାସ, ଗଛ ଲଗାଇବା କିମ୍ବା ଘରେ ମା'ବାପାଙ୍କୁ ସାହାଯ୍ୟ କରିବା ଉଚିତ। ବିଶେଷକରି ଯେଉଁ ସବୁ କାମ ସେମାନେ ସ୍କୁଲର ପାଠପଢା ସମୟରେ କରିପାରନ୍ତି ନାହିଁ ସେ ସବୁ ଛୁଟିରେ କରିବା କଥା। କୌଣସି କୋର୍ସ ବା କରିକୁଲମ୍ ଖରାଛୁଟିରେ ଆଦୌ କରିବା କଥା ନୁହେଁ। ଅବଶ୍ୟ ଯେଉଁମାନେ ସହରରେ ରହୁଛନ୍ତି ସେମାନଙ୍କ ପାଇଁ ସମରକେର୍ସ କିଛି ମାତ୍ରାରେ ଗୁରୁତ୍ୱପୂର୍ଣ୍ଣ।

**– ରାଜକିଶୋର ମହାପାତ୍ର**
ଅଧ୍ୟକ୍ଷ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନହରକଣ୍ଟା, ଭୁବନେଶ୍ୱର



**ଶ୍ରେଷ୍ଠା ଶତପଥୀ**
କ୍ଲାସ୍– ୩, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ସାକ୍ଷୀଗୋପାଳ, ପୁରୀ
(୧)



**ଅୟସକାନ୍ତ ସାହୁ**
କ୍ଲାସ୍– ୫, କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ
(୨)



**ସୌରଭ ରଞ୍ଜନ କର**
କ୍ଲାସ୍– ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଲେଜ ଛକ, କଟକ
(୩)



**ସେଫାଳି ପ୍ରିୟଦର୍ଶିନୀ**
କ୍ଲାସ୍–୭, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ–୮, ଭୁବନେଶ୍ୱର
(୪)



**ସାନି ନାୟକ**
କ୍ଲାସ୍– ୭, ଆଶ୍ରା ଫାଉଣ୍ଡେସନ ଓଡିଶା, ଭୁବନେଶ୍ୱର
(୫)



**ଦେବାଂଶୁ ଆଚାର୍ଯ୍ୟ**
କ୍ଲାସ୍– ୪, ବିବିଆଇଟି ପବ୍ଲିକ ସ୍କୁଲ, ବୁଗିବୁଗି, କୋଲକାତା
(୬)



**ଶ୍ରଦ୍ଧାଂଶୀ ମହାରଣା**
କ୍ଲାସ୍– ୮, ମଦନାୱତୀ ପବ୍ଲିକ ସ୍କୁଲ, ସମ୍ବଲପୁର
(୭)



**ସାଇ ଶିବେଶ ବେହେରା**
କ୍ଲାସ୍– ୪, କାର୍ମେଲ ସ୍କୁଲ, ରାଉରକେଲା
(୮)





୧



୨



୩



୪




୫



୬



୭



୮



# କବିତା

## ଗଛ ଛାଇ

ଗଛ ଛାଇ ଆହା କେତେ ଉପକାରୀ
ବାଟୋଇ କେବଳ ଜାଣେ,
ଉତ୍ତପ୍ତ ଦାଉରୁ ରକ୍ଷା ମିଳିଥାଏ
ଶାନ୍ତି ଆସେ ପ୍ରତିକ୍ଷଣେ ।
ପବନ ହେଉନି ଗୁଳୁଗୁଳି ଯୋଗୁ
ପଶୁ ପକ୍ଷୀ ଭୟଭୀତ,
କେଉଁଠି କେମିତି ଜୀବନ ଯାଉଛି
ଖରା ଯୋଗୁ ଅଂଶୁଘାତ ।
ଆକାଶରୁ ପରା ଅଗ୍ନି ବର୍ଷା ହୁଏ
ଜଳ ବର୍ଷା ଜମା ନାହିଁ,
ଗଛ କାଟି ଯେଉଁ ଭୁଲ କରୁଛେ
ନୁହେଁ ସମାଧାନ ତହିଁ ।
ଗଛ ଅଛି ବୋଲି ଜୀବନ ରହିଛି
ଗଛ ଦିଏ ଅମ୍ଳଜାନ,
ପ୍ରକୃତି କେବେଠୁ ଜଙ୍ଗଲ ଗଢ଼ିଛି
ଗଢ଼ିଛି ମର୍ତ୍ତ୍ୟ କାନନ ।

**– ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ

## ମାଆ

ଦୁନିଆରେ ଯିଏ ସବୁଠାରୁ ବଡ଼
ସେଇତ ମୋର ମାଆ
ଜନ୍ମ ଜନ୍ମ ଲାଗି ଭୁଲି କି ପାରିବି
କି ମଧୁର ତା'ର ନାଆଁ ।
ଅମୃତ ପିଆଇ ମିଠା କଥା କହି
କୋଳ ଝୁଲଣାରେ ଶୋଇ
ହାତ ଧରି ମତେ ଚାଲି ଶିଖାଇଲା
କେବେ ଥକି ପଡ଼ି ନାହିଁ ।
ଦିନରାତି ଖାଲି ମୋର ସେବା କରି
ନିଜ କଥା ଭୁଲି ଯାଏ
ଭଲ ଭଲ ଖାଦ୍ୟ ମତେ ଖୁଆଇଲେ
ପେଟ ତା'ର ପୂରୁଥାଏ ।
ମୋର ରାଗରୁଷା ଅଳି ଅରଦଳି
ସହିଯାଇ ସବୁକଥା
ନୀରୋଗ ରହିବି ଭଲ ପିଲା ହେବି
ରାତି ଦିନ ତା'ର ଚିନ୍ତା ।
ମାଆର କୋଳରେ ଜନମ ନେବାକୁ
ଦେବତା ଆସନ୍ତି ଧରାକୁ
ଆଶା ନାହିଁ କିଛି ଦେଇ ଚାଲିଥାଏ
ଦେଖୁଥାଏ ଆମ ଖୁସିକୁ ।
ତା'ର ଋଣ ମୁହିଁ କିପରି ଶୁଝିବି
ପ୍ରଭୁ ପାଶେ କରେ ଅଳି
ତା' ଚରଣ ଧୂଳି ମଥାରେ ମୋହର
ସଦା ହେଉଥିବ ବୋଲି ।

**–କବିତା ମିଶ୍ର**
ନୀଳାଦ୍ରିବିହାର, ଭୁବନେଶ୍ୱର
ମୋ: ୯୯୩୭୦୩୩୭୫୦

## ଜଳ ହିଁ ଜୀବନ

ସାରା ସମାଜର କରେ ଉପକାର
ଜଳ ଅନ୍ୟନାମ ଜୀବନ,
ଜଳ ବିହୁନରେ ନାଶ ହୋଇପାରେ
ସୁନ୍ଦର ଏ ମର୍ତ୍ତ୍ୟ ଭୁବନ !
ଝରଣା ପୋଖରୀ ଖୋଲା କୂଅବାରି
ସାଗର ସରିତ ଜଳକୁ,
ଦିବାକର ଶୋଷି ବାଷ୍ପରେ ଆକର୍ଷି
ଭରନ୍ତି ଆକାଶ କୋଳକୁ!
ବାୟୁ ସଂସ୍ପର୍ଶରେ ଆସିଗଲା ପରେ
ବାଷ୍ପ ଧୀରେ ଥଣ୍ଡା ଧରଇ,
ଜଳକଣା ମାନ ଏକାଠି ବନ୍ଧନ
ହୋଇ ମେଘ ସୃଷ୍ଟି କରଇ !
ସେଇ ମେଘ ଯେବେ ଆକାଶୁ ଝରିବେ
ପୂରିବ ପୋଖରୀ ଗାଡ଼ିଆ,
ମାଟି ହେବ ତୋଷ କଅଁଳିବ ଘାସ
ସୁନ୍ଦର ଦିଶିବ ପଡ଼ିଆ ।
ଜଳବିନା ଜୀବ ସୃଷ୍ଟି ଅସମ୍ଭବ
କଥାକୁ ଗୁରୁତ୍ୱ ଦେଇକି,
ହେଉ ଆମ ଦୀକ୍ଷା ଜଳର ସୁରକ୍ଷା
ଘରେ ଘରେ କୁହ ଯାଇକି ।

**– ଜଗଦୀଶ ସାହୁ**
ସଞ୍ଜୀପଡା, ହିନ୍ଦୋଳ, ଢେଙ୍କାନାଳ
ମୋ :୯୦୭୮୧୮୫୬୧୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଟୋପିରେ ୭୩୫ ଅଣ୍ଡା

କେହି କେହି ଖୁସିରେ ତ ଆଉ କିଏ ଷ୍ଟାଇଲ୍ ପାଇଁ ଅନେକ ସମୟରେ ମୁଣ୍ଡରେ ଟୋପି ଲଗାନ୍ତି । କିନ୍ତୁ ଟୋପି ଉପରେ ଅଣ୍ଡା ରଖିବା କଥା କେହି ହୁଏତ କେବେ ଚିନ୍ତା କରି ନ ଥିବେ । ଯଦିବା ଏଭଳି ଚେଷ୍ଟା କରିଥିବେ ତା'ହେଲେ ଅତି ବେଶିରେ ହୁଏତ ୧୦ରୁ ୨୦ଟି ଅଣ୍ଡାକୁ ଟୋପିରେ ରଖିହେବ ବୋଲି ଆମେ ଚିନ୍ତା କରିପାରିବା । କିନ୍ତୁ ଜାଣିଲେ ହୁଏତ ଆଶ୍ଚର୍ଯ୍ୟ ମନେହେବ ଯେ ଗୋଟିଏ ଟୋପିରେ ଏକାବେଳକେ ୭୩୫ଟି ଅଣ୍ଡାକୁ ମଧ୍ୟ ରଖିହେବ । ଆଶ୍ଚର୍ଯ୍ୟ ମନେ ହେଉଥିଲେ ବି ଏହା ସତ । ଏଭଳି ଏକ ଉଦ୍ୟମ କରି ସଫଳତା ହାସଲ କରିଛନ୍ତି ଦକ୍ଷିଣ ଆଫ୍ରିକାର ଗ୍ରେଗୋରୀ ଡା ସିଲ୍ଭା । ଏକାଥରକେ ଏତେଗୁଡ଼ିଏ ଅଣ୍ଡାକୁ ଟୋପିରେ ରଖି ସେ ବିଶ୍ୱ ରେକର୍ଡ କରିବାକୁ ସକ୍ଷମ ହୋଇଛନ୍ତି । ଅଣ୍ଡାକୁ ମୁଣ୍ଡରେ ଧରି ବେଶ୍ ସୁନ୍ଦରଭାବେ ସେ ଯେଉଁଭଳି ସନ୍ତୁଳନ ରକ୍ଷା କରି ପାରିଥିଲେ ତାହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ତାଙ୍କର ଏଭଳି ଏକ ବିଶେଷ କ୍ଷମତାକୁ ସମସ୍ତେ ଢେର୍ ପ୍ରଶଂସା କରିଛନ୍ତି । ତେବେ ଏଥିପାଇଁ ଏବେ ସେ ଗିନିଜ୍ ୱାର୍ଲଡ ରେକର୍ଡରେ ନିଜ ପାଇଁ ସ୍ଥାନ ସୃଷ୍ଟି କରିପାରିଛନ୍ତି ।




## ଏଥରର




- ପୃଥିବୀର ବୃହତ୍ତମ ଲୁଣି ହ୍ରଦ ?
- ପୃଥିବୀର ବୃହତ୍ତମ ନଦୀ ?
- ଆୟତନ ଅନୁସାରେ ପୃଥିବୀର ବୃହତ୍ତମ ସହର ?
- ପୃଥିବୀର ସର୍ବବୃହତ୍ ତ୍ରିକୋଣଭୂମି ?
- ପୃଥିବୀର ସର୍ବବୃହତ୍ ଗ୍ରନ୍ଥ ?

## ଗତଥରର ଉତ୍ତର

- ଏସିଆ
- ପ୍ରଶାନ୍ତ ମହାସାଗର
- ଋଷିଆ
- ଗ୍ରୀନ୍‌ଲାଣ୍ଡ
- ସାହାରା



## କହିଲ ଦେଖି



ନାମଟି ମୋହର ଦୁଇ ଅକ୍ଷରେ
ପାଠ ଲେଖାଥାଏ ମୋର ଦେହରେ
ଯେ ପଢ଼ଇ ମୋତେ ରଖିଣ ଧ୍ୟାନ
ବଢ଼ଇ ତା' ବୁଦ୍ଧି ଦିନକୁ ଦିନ
କାଗଜରେ ଗଢ଼ା ମୋର ଶରୀର
ଯେ ଚିହ୍ନିବ ମୋତେ ସେହି ଚତୁର ।

**ଉତ୍ତର – ବହି**



ଦୁଇଟି ଅକ୍ଷରେ ନାମଟି ମୋର
ପିଲାଏ ଲେଖନ୍ତି ମୋର ଉପର
କଲମ ଅଥବା ପେନ୍‌ସିଲରେ
ଲେଖା ଶୋଭାପାଏ ମୋର ପୃଷ୍ଠାରେ
ବହି ସାଥେ ସାଥେ ଯେ ପଢ଼େ ମୋତେ
ସାରା ବିଦ୍ୟା ରୁହେ ତାହାର କଣ୍ଠେ
ଯିଏ କହିଦେବ ମୋହର ନାମ
ପରୀକ୍ଷାରେ ସିଏ ହେବ ପ୍ରଥମ ।

**ଉତ୍ତର– ଖାତା**



ଚାରିଟି ଅକ୍ଷରେ ମୋହରି ନାମ
ଲେଖିବା ଆଙ୍କିବା ମୋହରି କାମ
ଲେଖାକାମ କରେ କଲମ ନୁହେଁ
ରବର ଘସିଲେ ଲିଭି ମୁଁ ଯାଏ
ଲେଖିଲେ ମୋ ମୁନ ଘୋରି ହୁଅଇ
କଟରକୁ ଛାତ୍ର ସାଥେ ରଖଇ
ଏବେ କୁହ ତୁମେ ମୋହରି ନାମ
ଯିଏ କହିଦେବ ଚତୁର ଜାଣ ।

**ଉତ୍ତର– ପେନ୍‌ସିଲ**

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତ୍‌ସିଂହପୁର
ମୋ: ୭୩୫୫୬୩୪୩୪୬




## ସବୁଠୁ କମ୍ ଓସାରର ଘର

ପିଲାଏ କେତେ ନୂଆ ନୂଆ ଘର ବିଷୟରେ ଶୁଣିଥିବ ଏବଂ ଜାଣିଥିବ। କିନ୍ତୁ ଏଠାରେ ଯେଉଁ ଘର ବିଷୟରେ ସୂଚନା ଦିଆଯାଉଛି ଏହା ହେଉଛି ବିଶ୍ୱର ସବୁଠୁ କମ୍ ଓସାରର ଘର। ଏହାକୁ ଦେଖିବାକୁ ଯଦି ଭାବୁଥା'ନ୍ତି, ତେବେ ଏହା ଆପଣଙ୍କୁ ମଧ୍ୟ ପୂର୍ବ ଲେବାନନ୍‌ରେ ଦେଖିବାକୁ ମିଳିଯିବ। ଏହି ଘରର ଖାସ୍ କଥା ହେଲା ଏହାକୁ ସାମ୍ନାରୁ ଦେଖିଲେ ଏହା ସାଧାରଣ ଘର ପରି ଦେଖାଯିବ। ହେଲେ ଏହାକୁ ଅନ୍ୟ ପଟରୁ ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଏହି ଘରର ଲମ୍ବ ୪ ମିଟର ହୋଇଥିବା ବେଳେ ଏହାର ଓସାର ମାତ୍ର ୬୦ ସେଣ୍ଟିମିଟର। ଏହି ଘରଟି ନିର୍ମିତ ହୋଇଥିଲା ୧୯୫୪ରେ। ଦୁଇ ମହଲା ବିଶିଷ୍ଟ ଏହି ଘରରେ ଚାରୋଟି ରୁମ୍ ରହିଛି।



## ହାତୀର ଖାଦ୍ୟ

ସାଧାରଣତଃ ହାତୀ ଗଛର ଡାଳପତ୍ର, ଫଳ ଆଦି ଖାଇଥାଏ। ପ୍ରତିଦିନ ଏହି ଜୀବକୁ ପାଖାପାଖି ୧୫୦ କି.ଗ୍ରା. ଖାଦ୍ୟର ଆବଶ୍ୟକତା ପଡ଼ିଥାଏ। ଏମାନେ ଶାକାହାରୀ ପ୍ରାଣୀ। ଏମାନଙ୍କ ଶରୀର ବିଶାଳକାୟ ହେବା କାରଣରୁ ଏମାନଙ୍କ ଖାଦ୍ୟ ମଧ୍ୟ ସେହି ତୁଳନାରେ ଆବଶ୍ୟକ ହୋଇଥାଏ। ଯେତେବେଳେ ଏମାନେ ଭୋକିଲା ଥାଆନ୍ତି, ଏହାର ଦୁଇଗୁଣା ଖାଦ୍ୟ ଖାଇଥା'ନ୍ତି। ହାତୀ ଦିନକ ମଧ୍ୟରେ ୪୫-୫୦ ଲିଟର ପାଣି ପିଇଥାଏ। ଯେଉଁ ସ୍ଥାନରେ ବେଶି ଗରମ ଅନୁଭୂତ ହୁଏ, ସେମାନେ ସେଠାରେ ଆହୁରି ଅଧିକ ପାଣି ପିଇଥା'ନ୍ତି। ଏମାନେ ଖାଦ୍ୟ ଏବଂ ପାଣି ସନ୍ଧାନରେ ୧୦-୨୦ କିଲୋମିଟର ପର୍ଯ୍ୟନ୍ତ ଯାଇପାରନ୍ତି। ନାମ୍ବିଆରେ ହାତୀ ଖାଦ୍ୟ ଆଉ ପାଣି ଅନ୍ୱେଷଣରେ ପ୍ରାୟ ୧୦୦ କି.ମି. ଚାଲିଯାଇପାରନ୍ତି। ଏମାନଙ୍କର ଅଧିକାଂଶ ସମୟ ଖାଇବାରେ ହିଁ ବିତିଥାଏ।



## ସନ୍‌ଗ୍ଲାସ୍-ଗଗଲ୍ସ

ବିଶେଷ ଭାବରେ ପ୍ରଖର ସୂର୍ଯ୍ୟକିରଣରୁ ରକ୍ଷାପାଇବା ପାଇଁ ଆଜିକାଲି ସନ୍‌ଗ୍ଲାସ୍‌ର ବ୍ୟବହାର କାହିଁରେ କେତେ। ହେଲେ ଏହା ପଛରେ ଏପରି କ'ଣ କାରଣ ରହିଛି। ସନ୍‌ଗ୍ଲାସ୍‌ର ଲେନ୍ସ ଆଖିକୁ ସୂର୍ଯ୍ୟକିରଣରୁ ନିର୍ଗତ ହେଉଥିବା ଅଲଟ୍ରା ଭାଓଲେଟ୍ ରେ ବା ଅତିବାଇଗଣୀ ରଶ୍ମି'ରୁ ରକ୍ଷା କରିଥାଏ। ଏହି ଲେନ୍ସ ବିଭିନ୍ନ ରଙ୍ଗରେ ଉପଲବ୍ଧ। ସନ୍‌ଗ୍ଲାସ କେବଳ ଅତିବାଇଗଣୀ ରଶ୍ମିରୁ ନୁହେଁ, ଏହା ଆଖିକୁ ବାହ୍ୟ ଧୂଳି, ବାଲିରୁ ମଧ୍ୟ ରକ୍ଷା କରିଥାଏ। କିଛି ସନ୍‌ଗ୍ଲାସ ପୋଲାରାଇଜ ଏବଂ ନନ୍-ପୋଲାରାଇଜ ମିଳିଥାଏ। ସନ୍‌ଗ୍ଲାସ ଲେନ୍ସ ଉପରେ ଯେତେବେଳେ ସୂର୍ଯ୍ୟକିରଣ ପଡ଼େ, ସେତେବେଳେ ଏହି ଲେନ୍ସ ଏହାର ପ୍ରଭାବରୁ ଆଖିକୁ ସୁରକ୍ଷା ଦେଇଥାଏ। ହେଲେ ସନ୍‌ଗ୍ଲାସ ତୁଳନାରେ ଗଗଲ୍ସ ଆଖିକୁ ଅଧିକ ରକ୍ଷା କରିଥାଏ। ଏହା ଆଖିରେ ଭଲ ଭାବରେ ଫିଟ୍ ହୋଇ ରହିଥାଏ। ଗଗଲ୍ସକୁ ବିଶେଷ ଭାବରେ ପରୀକ୍ଷାଗାରରେ ଅଧିକ ବ୍ୟବହାର କରାଯାଇଥାଏ। ଏପରି କି ସନ୍ତରଣକାରୀମାନେ ଏହାକୁ ବ୍ୟବହାର କରିଥାନ୍ତି। ସନ୍‌ଗ୍ଲାସର ଓଜନ କମ୍ ହୋଇଥିବା ବେଳେ ଗଗଲ୍ସ ଓଜନ ଟିକେ ଅଧିକ ହୋଇଥାଏ।



## ଏଲ୍.ପି.ଜି.



ସନ୍ତୋଷ ୧୦ମ ଶ୍ରେଣୀରେ ପଢ଼େ। ତା'ର ମା'ବାପା ଉଭୟ ଶିକ୍ଷକ। ଏକଦା ତା'ର ମା'ବାପା ସ୍କୁଲକୁ ଯାଇଥିବା ସମୟରେ ଜେଜେ ଗ୍ୟାସ୍‌ଚୁଲାରେ ରୋଷେଇ କରନ୍ତି। ଭାତ ହେଲା ପରେ ଚୁଲାର ବର୍ନରକୁ କମାଇ ଭାତ ଗାଳନ୍ତି। ଦିନେ ଠିକ୍ ସେତିକିବେଳେ ସନ୍ତୋଷ ଆସି କହିଲା- 'ଜେଜେ, ତୁମେ ଏ କ'ଣ କରୁଛ? ଗ୍ୟାସ୍ ଜଳୁଛି ତାକୁ ବନ୍ଦ କାହିଁକି କରିନାହଁ, ଏଣେ ଭାତ ଗାଳୁଛ?' ଜେଜେ କହିଲେ- 'ଆରେ ବାପା ସନ୍ତୁ! ଭାତ ଗାଳି ସାରିବା ପରେ ସଙ୍ଗେ ସଙ୍ଗେ ଡାଲି ପାଇଁ ଫୁଟର ବସାଇବି, ସେଥିପାଇଁ ବନ୍ଦ କରିନି। ଚୁଲାକୁ କମାଇ ଦେଇଛି।' ସନ୍ତୋଷ କହିଲା- 'ଜେଜେ! ଏମିତି ବାରମ୍ବାର ଶିଖାକୁ କମାଇବା ଓ ବଢ଼ାଇବା ଫଳରେ ଗ୍ୟାସ୍ ଅଯଥାରେ ନଷ୍ଟ ହେବ ଓ ଆମ ପାଇଁ ବିପଦ ମଧ୍ୟ।' ଜେଜେ କହିଲେ- 'ମୁଁ ଆଗରୁ କେବେ ଗ୍ୟାସ୍‌ଚୁଲାରେ ରୋଷେଇ କରୁନଥିଲି। ଗାଁରେ ଆମର କାଠ ଅଙ୍ଗାର ଚୁଲା ଥିଲା, ସେଥିରେ ରୋଷେଇ କରିବା ଆମର ଅଭ୍ୟାସ।' ସନ୍ତୋଷ କହିଲା- 'ଜେଜେ! କାଠ ଅଙ୍ଗାର ଚୁଲାରେ ଡେକ୍‌ଚି, ହାଣ୍ଡି କଳା ପଡ଼ିଯିବ ଓ ଦୂଷିତ ଗ୍ୟାସ୍ ବାହାରି ପରିବେଶ ଖରାପ ହେବା ସହ ରୋଷେଇ ବହୁତ ଡେରିରେ ହୁଏ। ଗ୍ୟାସ୍‌ଚୁଲା ସବୁଠୁ ସୁବିଧା।'

ସନ୍ତୋଷର ଭଉଣୀ ସସ୍ମିତା ଆସି ପଚାରିଲା- 'ଭାଇ! ମୁଁ କେବେଠାରୁ ତୁମକୁ ପଚାରିବି ବୋଲି ଭାବୁଥିଲି ଏହି ଗ୍ୟାସ୍‌ଚୁଲା ବିଷୟରେ। ଆଜି ମୋତେ କୁହ, ଏହି ଚୁଲା ପାଖରେ ଥିବା ନାଲି ଲୁହାହାଣ୍ଡିରେ କ'ଣ ଥାଏ ଓ ତା' ଯୋଗୁ ରୋଷେଇ କାମ କିପରି ହୁଏ?' ସନ୍ତୋଷ କହିଲା- 'ତା' ହେଲେ ଶୁଣୁ। ଏହି ଗ୍ୟାସ୍‌କୁ ଏଲ୍.ପି.ଜି. କୁହାଯାଏ। ଏଲ୍.ପି.ଜି.ର ଅର୍ଥ ହେଲା ଲିକ୍ୟୁଫାଏଡ୍ ବା ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍। ଏହା ଗ୍ୟାସ୍ ଅବସ୍ଥାରେ ଏହି ନାଲିହାଣ୍ଡିରେ ନଥାଏ। ତରଳ ଅବସ୍ଥାରେ ଥାଏ। ପେଟ୍ରୋଲିୟମ୍ ଗ୍ୟାସ୍ ପ୍ରସ୍ତୁତି ଏକ ଜଟିଳ ପ୍ରକ୍ରିୟା। କୋଇଲା ଭଳି ମାଟି ତଳେ ପେଟ୍ରୋଲିୟମ୍ ଅଶୋଧିତ ଅବସ୍ଥାରେ ଥାଏ। ତାକୁ ଉପରକୁ ଅଣାଇ ଶୋଧନ କରାଯାଏ। ପୁଣି ସେହି ପଦାର୍ଥକୁ ଏକ ବୈଜ୍ଞାନିକ ଯାନ୍ତ୍ରିକ ପ୍ରକ୍ରିୟା, 'ଆଂଶିକ ପାଚନ ପ୍ରଣାଳୀ'ରେ ସେଥିରୁ ପେଟ୍ରୋଲ, ଡିଜେଲ, କିରୋସିନ, ପେଟ୍ରୋଲିୟମ ଗ୍ୟାସ୍ ଆଦି ଅନେକ ପଦାର୍ଥ ବାହାରିଥାଏ। ତୁ ନବମ ଶ୍ରେଣୀ ବିଜ୍ଞାନରେ ଏ ବିଷୟରେ ପଢ଼ିବୁ।' ସସ୍ମିତା କହିଲା- 'ଭାଇ! ପେଟ୍ରୋଲିୟମ୍ ଗ୍ୟାସ୍‌କୁ କିଭଳି ତରଳ ଅବସ୍ଥାକୁ ଅଣାଇ ଏହି ହାଣ୍ଡିରେ ରଖାଯାଏ?' ତୁ ଠିକ୍ ପ୍ରଶ୍ନ ପଚାରିଲୁ। କୌଣସି ଗ୍ୟାସୀୟ ପଦାର୍ଥର ଧର୍ମ ହେଲା- ତା' ଉପରେ ଚାପ ପ୍ରୟୋଗ କରି ତାପମାତ୍ରାକୁ କମାଇଲେ ତାହା ତରଳ ଅବସ୍ଥାକୁ ଚାଲିଆସେ। ପୁଣି ବିପରୀତ ଦିଗରେ କହିଲେ, ସେହି ତରଳ ପଦାର୍ଥ ଉପରୁ ଚାପ କମାଇ ତାପମାତ୍ରାକୁ ବୃଦ୍ଧି କରାଇଲେ ତାହା ଗ୍ୟାସୀୟ ଅବସ୍ଥାକୁ ଆସିବ। ଏହାକୁ ପଦାର୍ଥର ଭୌତିକ ପରିବର୍ତ୍ତନ କୁହାଯାଏ। ଏଲ୍.ପି.ଜି. ମଧ୍ୟ ଏଭଳି ହାଣ୍ଡି ଭିତରେ ତରଳ ଅବସ୍ଥାରେ ଥାଏ। ସେହି ଗ୍ୟାସ୍‌ଟାଙ୍କିର ମୁହଁକୁ ସିଲ୍ କରାଯାଇଥାଏ। ବ୍ୟବହାର ସମୟରେ ସିଲ୍ ଖୋଲି ରେଗୁଲେଟର ଯାହାକୁ ତୁମେ ହାଣ୍ଡି ମୁହଁରେ ସଂଯୁକ୍ତ ହେବା ଦେଖୁଛ (ନିୟନ୍ତ୍ରକ) ତାକୁ ଟିକିଏ ଉପର ତଳ କରିବା ଯୋଗୁ ହାଣ୍ଡି ଭିତରେ ତରଳ ପଦାର୍ଥର ଚାପ ବଢ଼େ ଓ କମେ। ଫଳରେ ଗ୍ୟାସ୍ ହୋଇ ତାହା ରବର ନଳୀ ଦେଇ ଚୁଲିର ବର୍ନର ନିକଟକୁ ଆସେ। ଏହି ବର୍ନର ଲାଇଟ୍‌ର କିମ୍ବା ଦିଆସିଲି ସାହାଯ୍ୟରେ ଜଳେ। ପୁଣି ସସ୍ମିତା ପଚାରିଲା, କିନ୍ତୁ ଏହି ଗ୍ୟାସର ସେମିତି କ'ଣ ନାମ ଥିବ ଓ ଏହି ଗ୍ୟାସ୍ ଟାଙ୍କିର ଓଜନ କେତେ? ସନ୍ତୋଷ କହିଲା- ଏହି ଗ୍ୟାସର ନାଁ ବ୍ୟୁଟେନ୍। ଏହା କାର୍ବନ ଓ ହାଇଡ୍ରୋଜେନ୍‌ର ଏକ ଯୌଗିକ ପଦାର୍ଥ। ଖାଲି ଟାଙ୍କିର ଓଜନ ହେଉଛି ୧୪.୮କେଜି ଓ ଗ୍ୟାସ୍ ଭର୍ତ୍ତି ହେବା ପରେ ତା'ର ଓଜନ ହେଉଛି ୨୯ କି.ଗ୍ରା.। ଏହା ଗ୍ୟାସୀୟ ଅବସ୍ଥାକୁ ଆସି ଜଳୁଥିବାରୁ ଆମକୁ ରୋଷେଇ ପାଇଁ ପ୍ରାୟ ଏକ ମାସ ଲାଗୁଛି। ଏ ଗ୍ୟାସ୍ ବାହାରକୁ ଆସି ଅମ୍ଳଜାନ ସହ ମିଶି ଜଳୁଥିବାରୁ ନୀଳଶିଖା ଦିଏ। ଫଳରେ ରୋଷେଇ କରିବା ପାତ୍ର କଳା ହୁଏ ନାହିଁ।

**- ବିନୋଦ ଚନ୍ଦ୍ର ଜେନା**
ଭିକ୍ଟୋରି କଲୋନୀ, ପାରଳାଖେମୁଣ୍ଡି
(ଗଜପତି)
ମୋ: ୯୪୩୮୦୭୪୪୬୪

# ଆ ଇ ନା



ଆରାଧ୍ୟା ଜୟସିଂ
୫ ବର୍ଷ, ଭୁବନେଶ୍ୱର



ଆୟୁସ୍ମିତା ତରାଇ
୬ ବର୍ଷ, ଗଞ୍ଜାମ